# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୫୨/୨୫

## ଜିଲ୍ଲା-ଯାଜପୁର

ତା.୦୧.୦୭.୨୦୨୫

**ପାଣିପାଗ ପୂର୍ବାନୁମାନ (ତା. ୦୬.୦୭.୨୦୨୫ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୧୦-୧୩ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୧-୩୩°C ଏବଂ ୨୪-୨୬° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 02-07-2025 | 5 | 30 | 24 | 4 | 90 | 69 | 11 | 239 |
| | 03-07-2025 | 4 | 31 | 25 | 4 | 87 | 64 | 10 | 251 |
| | 04-07-2025 | 3 | 32 | 25 | 4 | 87 | 68 | 12 | 254 |
| | 05-07-2025 | 4 | 32 | 26 | 3 | 85 | 65 | 12 | 251 |
| | 06-07-2025 | 4 | 33 | 26 | 3 | 84 | 64 | 13 | 262 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ➢ ଲଗାଣ ବର୍ଷା ହେତୁ ଜିଲ୍ଲାର କିଛି ଜାଗାରେ ବନ୍ୟା ପରିସ୍ଥିତି ଦେଖାଯାଇଛି ତେଣୁ କୃଷକମାନେ ଧାନ ନର୍ସରୀ ଓ ପନିପରିବା ବଗିଚାରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ ।<br>➢ ଯେହେତୁ ଆଗାମୀ ଦିନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି , ତେଣୁ ଚାଷୀମାନେ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ ।<br>➢ ବନ୍ୟା ଯୋଗୁଁ ଜମିରେ ଅଧିକ ପାଣି ରହିଥିଲେ କିଛି ସମୟ ପାଇଁ ମଞ୍ଜି ବୁଣା କିମ୍ବା ରୋପଣ କାର୍ଯ୍ୟ ବନ୍ଦ କରନ୍ତୁ।<br>➢ ସମୟ ସମୟରେ ମେଘୁଆ ଏବଂ ଶୁଖିଲା ପାଗ ଅନୁକୂଳ ଯୋଗୁଁ , ପରିବା ଫସଲରେ ପୋକ ଆକ୍ରମଣକୁ ନିୟମିତ ଅନୁଧ୍ୟାନ କରିବାକୁ ଚାଷୀମାନଙ୍କୁ ପରାମର୍ଶ । | |
| ଫସଲର ନାମ | ଫସଲର ଅବସ୍ଥା | ପାଣିପାଗ ଭିତ୍ତିକ ପରାମର୍ଶ |
| ଖରିଫ ଧାନ | ଜମି ପ୍ରସ୍ତୁତି / ନର୍ସରୀ | ➢ **ବନ୍ୟା ପରିସ୍ଥିତି** ଯୋଗୁ କୃଷକମାନଙ୍କୁ କିଛି ଦିନ ପାଇଁ ନର୍ସରୀରେ ବୁଣିବା ବନ୍ଦ କରିବାକୁ ପରାମର୍ଶ|<br>➢ ବୃଷ୍ଟିପାତ ସ୍ଥିତିକୁ ବିଚାରକୁ ନେଇ କୃଷକମାନେ ଜଳ ମଗ୍ନ କ୍ଷେତରୁ ଅଧିକ ଜଳ ନିଷ୍କାସନ କରନ୍ତୁ ଏବଂ ବର୍ଷା ଅତିରିକ୍ତ ଜଳକୁ ନିକଟସ୍ଥ ପୋଖରୀ / କେନାଲରେ ଗଚ୍ଛିତ କରି ରଖନ୍ତୁ ।<br>➢ ଧାନ ଚାଷ ପାଇଁ ବନ୍ୟା ଅଞ୍ଚଳ ପାଇଁ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ-ଯଥା-ସ୍ବର୍ଣ୍ଣ ସବ ୧ ,CR-୧୦୦୯ ସବ ୧। |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ କରନ୍ତୁ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| ପନିପରିବା | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ଲଗାଣ ବୃଷ୍ଟିପାତଯୋଗୁଁ କୃଷକମାନଙ୍କୁ କିଛି ଦିନ ପାଇଁ ନର୍ସରୀରେ ମଞ୍ଜିବୁଣିବା/ରୋପଣ ବନ୍ଦ କରିବାକୁ ପରାମର୍ଶ ।<br>➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ କରନ୍ତୁ।<br>➢ ବର୍ଷା କୁ ନଜରରେ ରଖି କୀଟନାଶକ ସିଂଚନ କାର୍ଯ୍ୟକୁ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ<br>➢ ବର୍ଷା ପୂର୍ବରୁ ପନିପରିବା ଅମଳ କରି ବଜାରକୁ ବିକ୍ରି ପାଇଁ ପଠାନ୍ତୁ । |
| ଫଳ | | ➢ ଗଛ ମୂଳରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ।<br>➢ ବର୍ଷା ବନ୍ଦ ହେବା ପରେ, ଅମୃତଭଣ୍ଡା ମଞ୍ଜିକୁ କାର୍ବେଣ୍ଡାଜିମ୍ ସହିତ ମିଶାଇ ବିହନ ବିଶୋଧନ କରି ବୁଣନ୍ତୁ<br>➢ ଅମୃତଭଣ୍ଡାର ଫଳ ବିକାଶ ପର୍ଯ୍ୟାୟରେ ଗଛକୁ ପବନ ଏବଂ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ ଏବଂ ଅନ୍ୟାନ୍ୟ ପ୍ରକାରର କାଠି ସାହାଯ୍ୟରେ ରଞ୍ଜା ଦିଅନ୍ତୁ। |

| | | |
|---|---|---|
| **ମାଛ ଚାଷ** | | ➢ ବନ୍ୟା ଜଳର ପ୍ରବାହିତ ହେତୁ ମାଛର ସ୍ଥାନାନ୍ତରଣକୁ ରୋକିବା ପାଇଁ ପୋଖରୀ ଚାରିପାଖରେ ପ୍ଲାଷ୍ଟିକ୍ ଜାଲ ରଖନ୍ତୁ \| <br> ➢ ଅନାବଶ୍ୟକ ମାଛର ପ୍ରବେଶକୁ ରୋକିବା ପାଇଁ ପ୍ରବେଶ ଏବଂ ବାହାର ପଥଗୁଡ଼ିକରେ ବାଉଁଶ କିମ୍ବା ନାଇଲନ୍ ଜାଲ ସ୍କ୍ରିନ୍ ଲଗାଯିବା ଉଚିତ। |
| **ପଶୁପାଳନ** | | ➢ ପଶୁମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। <br> ➢ ବିଶୁଦ୍ଧ ପାନୀୟ ଜଳ ପଶୁମାନଙ୍କୁ ଯୋଗାନ୍ତୁ। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital